REGIONAL NEWS UNIT, AIR KATAKA

Evening Bulletin (6.45 PM)

26 November – 2026

****

ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ଷଷ୍ଠ ଦିବସର ଦ୍ୱିତୀୟାର୍ଦ୍ଧରେ ଆଜି ଇସ୍ପାତ ଓ ଖଣି ବିଭାଗର ଖର୍ଚ୍ଚ ଦାବି ଉପରେ ଚାଲିଛି ଆଲୋଚନା
- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ପୁଣିଥରେ ହେବ ଶ୍ରୀଜୀଉଙ୍କର ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି
- ‘ମାନବଅଧିକାର ଉପରେ ଗୁରୁତ୍ୱ’ ବିଷୟବସ୍ତୁ ନେଇ ଦେଶବ୍ୟାପୀ ପାଳନ କରାଯାଉଛି ସମ୍ବିଧାନ ଦିବସ

– ରାଜ୍ୟର ୨୧ଟି ଜିଲ୍ଲାରେ ବିକଶିତ ଭାରତ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ

ଏବଂ

- ନୂଆଦିଲ୍ଲୀ ପ୍ରଗତି ମଇଦାନରେ ଚାଲିଥିବା ବାଣିଜ୍ୟ ମେଳାରେ ଓଡ଼ିଶା ପ୍ରଦର୍ଶନୀକୁ ରୌପ୍ୟ ପଦକ

BBSR/R

ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ଶୀତକାଳୀନ ଅଧିବେଶନର ଷଷ୍ଠଦିନରେ ଅପରାହ୍ନରେ ମଧ୍ୟ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓଡ଼ିଶା ସେବା ଓ ଦ୍ରବ୍ୟକର ଦ୍ୱିତୀୟ ସଂଶୋଧନ ନିୟମାବଳୀ-୨୦୨୬କୁ ଗୃହରେ ଉପସ୍ଥାପନ କରିଥିଲେ । ସେହିଭଳି ଓଡ଼ିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ନିୟମାବଳୀ ଅନୁଯାୟୀ ୧୩ଟି ଜିଲ୍ଲାର ୨୦୨୬ ଆର୍ଥିକ ବର୍ଷର ବିବରଣୀ ଓ ଅଡିଟ୍ ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଅନ୍ୟ ବିଭାଗର ମନ୍ତ୍ରୀମାନେ ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପନ କରିଥିଲ । ଇସ୍ପାତି ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଭାଗ ପାଇଁ ୧ କୋଟି ୨୫ ଲକ୍ଷ ୨୦ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବି ଆଗତ କରିଛନ୍ତି । ବର୍ତ୍ତମାନ ଗୃହରେ ଇସ୍ପାତ ଓ ଖଣି ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ଜାରି ରହିଛି ।

BBSR/R

ବିଧାନସଭା-ଇଭି

ରାଜ୍ୟରେ ବିଦ୍ୟୁତଚାଳିତ ଯାନର ଚାହିଦା ବୃଦ୍ଧି ପାଉଛି ବୋଲି ସଡ଼କ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହରେ ସୂଚନା ଦେଇଛନ୍ତି । ଗତ ବର୍ଷ ୬୫ ହଜାର ୩୧୨ଟି ଯାନ ବିକ୍ରି ହୋଇଥିବାବେଳେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୪୫ ହଜାର ୬୧୪ ଜଣ ବିଦ୍ୟୁତ ଚାଳିତ ଯାନ କିଣିଥିବା ମନ୍ତ୍ରୀ କହିଛନ୍ତି ।

Puri

ରତ୍ନଭଣ୍ଡାର ଗଣତିମଣତି

ପୁରୀ ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ଆଜିର ଗଣତି ମଣତି କାର୍ଯ୍ୟ ଶେଷ ହୋଇଛି। ପୂର୍ବାହ୍ନ ୧୧ଟା ୨୬ ମିନିଟ୍‌ରେ ଆରମ୍ଭ ହୋଇ ଅପରାହ୍ନ ୨ଟା ୩୬ ମିନିଟ୍ ପର୍ଯ୍ୟନ୍ତ ମୋଟ ୩ ଘଣ୍ଟା ୧୦ ମିନିଟ୍ ଧରି ଗଣତି ମଣତି କାର୍ଯ୍ୟ ଚାଲିଥିଲା। ଆସନ୍ତାକାଲି ସକାଳ ଧୂପ ନୀତି ସମାପନ ପରେ ପୁନର୍ବାର ଏହି କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ସମସ୍ତ ଅଧିକୃତ ସଦସ୍ୟଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ସମ୍ପାଦିତ ହୋଇଛି।

ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟାରେ ଗତବର୍ଷ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିଲା। ଶେଷଥର ପାଇଁ ଗତ ଅଗଷ୍ଟ ମାସ ୩୧ ତାରିଖ ଓ ସେପ୍ଟେମ୍ବର ୧ ତାରିଖରେ ଗଣତିମଣତି କରାଯାଇଥିଲା। ୨୦୨୫ ମସିହା ମାର୍ଚ୍ଚ ମାସରୁ ଆଜି ସୁଦ୍ଧା ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାରର ୧୮ଦିନ ଗଣତିମଣତି ହୋଇଛି।

SBLPUR/BDK/N.gada/DHNKL/N.pada/M.giri/G.jam

ସମ୍ବିଧାନ ଦିବସ

ଭାରତୀୟ ସମ୍ବିଧାନ ଗ୍ରହଣର ୭୭ ବର୍ଷ ପୂର୍ତ୍ତି ଅବସରରେ ଆଜି ଦେଶ ବ୍ୟାପୀ ସମ୍ବିଧାନ ଦିବସ ପାଳନ କରାଯାଉଛି । ୧୯୪୯ମସିହା ନଭେମ୍ବର ୨୬ ତାରିଖ ଦିନ ଭାରତୀୟ ସମ୍ବିଧାନସଭା ପକ୍ଷରୁ ସମ୍ବିଧାନକୁ

ଗ୍ରହଣ କରାଯାଇଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ ହୋଇଥିଲା ଏବଂ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା। ଭାରତର ସମ୍ବିଧାନ ପ୍ରସ୍ତୁତ କରିବା ଲାଗି ୨ ବର୍ଷ ୧୧ ମାସ ଓ ୧୮ ଦିନ ସମୟ ଲାଗିଥିଲା। ଚଳିତ ବର୍ଷ ସମ୍ବିଧାନ ଦିବସର ବିଷୟ ରହିଛି 'ମାନବ ଅଧିକାର ଉପରେ ଗୁରୁତ୍ୱ'। ଆଗାମୀ ପିଢ଼ିଙ୍କୁ ସମ୍ବିଧାନ ସମ୍ପର୍କରେ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏହି ଉପଲକ୍ଷେ ଆଜି ବିଧାନସଭାର ବାଚସ୍ପତି ସୁରମା ପାଢ଼ି, ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ ବୃନ୍ଦଙ୍କୁ ସମ୍ବିଧାନ ଦିବସର ଶପଥ ପାଠ କରାଇଥିଲେ। ଏହି ଅବସରରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଆନୁକୂଲ୍ୟରେ ବିକଶିତ ଭାରତ ଯୁବା ସମ୍ବାଦ ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଯାଇଛି। ସମଗ୍ର ଦେଶର ୭୦୦ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନରେ ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

ଭାରତ ସରକାର, ମେରା ଯୁବା ଭାରତ, ସମ୍ବଲପୁର ଏବଂ ଏନ୍.ଏସ୍.ସି.ବି. କଲେଜର ରାଜନୀତି ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ସମ୍ବିଧାନ ଦିବସ ଆୟୋଜିତ ହୋଇଯାଇଛି। ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ତଥା ଜାତୀୟ ଏକତାର ବାର୍ତ୍ତା ପ୍ରସାର ପାଇଁ ସ୍ୱେଚ୍ଛାସେବୀ, ଏନ୍.ସି.ସି. କ୍ୟାଡେଟ୍‌ମାନଙ୍କ ଦ୍ୱାରା ସଚେତନତା ର୍ୟାଲି ଆୟୋଜିତ ହୋଇଥିଲା।

ଅନୁଗୁଳ, ଖୋର୍ଦ୍ଧା, କଟକ, ବରଗଡ଼, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଜଗତସିଂହପୁର, ନୟାଗଡ଼, ନବରଙ୍ଗପୁର, ପୁରୀ, ସୁନ୍ଦରଗଡ଼ ସମେତ ୨୧ଟି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ବିକଶିତ ଭାରତ ଯୁବା ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିଶାମୁକ୍ତ ଯୁବ ଭାରତ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା।

ରାଜ୍ୟର ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।

ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଯୋଗଦେଇ ସମ୍ବିଧାନର ମୂଳମନ୍ତ୍ର ଓ ମୂଲ୍ୟବୋଧ, ଗଣତନ୍ତ୍ର, ନ୍ୟାୟ, ସମାନତା ଓ ସ୍ୱାଧୀନତାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ସମ୍ବିଧାନରେ ନିହିତ ମୂଲ୍ୟବୋଧକୁ ବାସ୍ତବ ଜୀବନରେ ପ୍ରତିଫଳିତ କରିବା ସହ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମେରା ଯୁବା ଭାରତ ପକ୍ଷରୁ ମଧ୍ୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।

ମାଲକାନଗିରି ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ -୧ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମିଳିତଭାବେ ଶପଥ ପାଠ କରିଥିଲେ।

ଏହି ଅବସରରେ ଢେଙ୍କାନାଳ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ସମ୍ବିଧାନର ମହତ୍ତ୍ୱ, ଗଣତାନ୍ତ୍ରିକ ମୂଲ୍ୟବୋଧ, ନାଗରିକଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା।

ନୟାଗଡ଼ ଜିଲ୍ଲା ଦୌରାଜଜ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ।

ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।

Desk

ଓଡ଼ିଶା ପାଭିଲିୟନ ପୁରସ୍କାର

ନୂଆଦିଲ୍ଲୀ ପ୍ରଗତି ମଇଦାନରେ ଚାଲିଥିବା ୪୫ତମ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଟ୍ରେଡ୍ ଫେୟାରରେ ଓଡ଼ିଶା ପାଭିଲିୟନ୍‌କୁ ରୌପ୍ୟ ପଦକ ମିଳିଛି। ବିଷୟ ଭିତ୍ତିକ ଉପସ୍ଥାପନା ରାଜ୍ୟ ବର୍ଗରେ ଏହି ପଦକ ମିଳିଥିବା ନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟର ସମୃଦ୍ଧ ଐତିହ୍ୟ, ପାରମ୍ପରିକ ଉତ୍କର୍ଷ ଓ ଉଦୀୟମାନ ଆର୍ଥିକ ସମ୍ଭାବନାର ଅନନ୍ୟ ଉପସ୍ଥାପନ ପାଇଁ ଏହି ସମ୍ମାନଜନକ ପୁରସ୍କାର ଓଡ଼ିଶା ପାଭିଲିୟନ ପାଇଛି।

Desk

ହୀରାକୁଦ ବନ୍ଧ ଆକର୍ଷଣୀୟ

ରାଜ୍ୟ ସରକାର ହୀରାକୁଦ ବନ୍ଧକୁ ଆକର୍ଷଣୀୟ ଜଳ ଐତିହ୍ୟ ଓ ପର୍ଯ୍ୟଟନ କେନ୍ଦ୍ରଭାବେ ବିକଶିତ କରିବା ପାଇଁ ୯୯ କୋଟି ୯୦ ଲକ୍ଷ ଟଙ୍କା ବିନିଯୋଗ କରିବେ। ରାଜ୍ୟ ପୁଞ୍ଜିନିବେଶ ପାଇଁ ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଜଳ ସମ୍ପଦ ଓ ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏଥିମଧ୍ୟରେ ହୀରାକୁଦ ଡ୍ୟାମ ସଂଗ୍ରହାଳୟ, ସଫିଂ କମ୍ପ୍ଲେକ୍ସ, ଫୁଡ୍‌କୋର୍ଟ, ଶୌଚାଳୟ ଓ ସୁନ୍ଦର ପରିବେଶ ସୃଷ୍ଟି ପାଇଁ ସବୁଜିମାର ବ୍ୟବସ୍ଥା ରହିବ। ଜୁଳ ଫୁଆରା, ଲାଇଟ ଓ ଲେଜର ସୋ'ର ମଧ୍ୟ ଆୟୋଜନ କରାଯିବ। ଏହି ପ୍ରକଳ୍ପ ହୀରାକୁଦର ପର୍ଯ୍ୟଟନ ଆକର୍ଷଣକୁ ନୂତନ ଦିଗ ଦେବା ସହ ରାଜ୍ୟର ଜଳ ଐତିହ୍ୟ ଓ ଯାନ୍ତ୍ରିକ ଗୌରବକୁ ଜାତୀୟସ୍ତରରେ ପରିଚିତ କରାଇବ। ଏଥିସହ ସ୍ଥାନୀୟ ଅର୍ଥନୀତି ଓ ଜୀବିକା ସୃଷ୍ଟିକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ଜଣାପଡ଼ିଛି।

Sambalpur

ବିଶ୍ୱ ଐତିହ୍ୟ ସପ୍ତାହ

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ କରାଯାଇଛି। ଜିଲ୍ଲାର ରେଢ଼ାଖୋଲ ଅଞ୍ଚଳ ଇତିହାସ ଓ ଐତିହ୍ୟରେ ପରିପୂର୍ଣ୍ଣ ମାତ୍ର ଏହାର ସଠିକ୍ ମୂଲ୍ୟାଙ୍କନ ହୋଇନାହିଁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ସର୍ବେକ୍ଷଣ ଜାରି ରଖିବା ସହ ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କହିଛନ୍ତି।

Boudh

ସମୀକ୍ଷା ବୈଠକ

ବୌଦ୍ଧ ଜିଲ୍ଲା ପରିଷଦ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭି.ବି.-ଜି.ରାମ.ଜି. ଯୋଜନାର କାର୍ଯ୍ୟକାରିତା, ଶ୍ରମ ଦିବସ ସୃଷ୍ଟି, ଶ୍ରମିକ ନିୟୋଜନ ଏବଂ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ସମସ୍ତ ବ୍ଲକରେ ଅଧିକ ଶ୍ରମ ଦିବସ ସୃଷ୍ଟି କରି ନିଯୁକ୍ତି ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଯୋଗ୍ୟ ଶ୍ରମିକ ପରିବାରଙ୍କୁ ଯୋଜନାରେ ସାମିଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

Rayagada

ସୋଲାର ରଥ

ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋଲାର ରଥକୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଶୁଭାରମ୍ଭ କରିଛନ୍ତି। ଏହି ରଥ ସରକାରୀ ରିହାତି, ଆବେଦନ ପ୍ରକ୍ରିୟା, ସ୍ଥାପନ ପଦ୍ଧତି ଏବଂ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଜନସାଧାରଣଙ୍କୁ ସଠିକ୍ ସୂଚନା ପ୍ରଦାନ କରିବା ସହ ସଚେତନତା ବାର୍ତ୍ତା ପହଁଞ୍ଚାଇବ। ସୌର ଶକ୍ତିର ବ୍ୟବହାର ବୃଦ୍ଧି, ସ୍ୱଚ୍ଛ, ସବୁଜ ଶକ୍ତିକୁ ପ୍ରୋତ୍ସାହନ ତଥା ଜନସାଧାରଣଙ୍କୁ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ସମ୍ପର୍କରେ ଜିଲ୍ଲାପାଳ ସଚେତନ କରାଇଥିଲେ।

Subarnpur

ତୀର୍ଥଯାତ୍ରା ଯୋଜନା

ରାଜ୍ୟ ସରକାରଙ୍କୁ ଅଷ୍ଟମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସୁବର୍ଣ୍ଣପୁର ଜିଲ୍ଲାର ୫୨ ଜଣ ବରିଷ୍ଠ ନାଗରିକ ଆଜି ହରିଦ୍ୱାର ଓ ଋଷିକେଶ ଅଭିମୁଖେ ଯାତ୍ରା କରିଛନ୍ତି। ତୀର୍ଥଯାତ୍ରୀମାନେ ଆଜି ସମ୍ବଲପୁରରେ ପହଁଞ୍ଚି ରାତ୍ରୀଯାପନ କରିବେ। ଆସନ୍ତାକାଲି ସକାଳେ ସମ୍ବଲପୁର ରେଳଷ୍ଟେସନ୍‌ରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା କରିବେ।

Kalahandi

ପୋଷ୍ୟ ସନ୍ତାନ ସଚେତନତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ପୋଷ୍ୟ ସନ୍ତାନ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ପୋଷ୍ୟ ସନ୍ତାନ ଗ୍ରହଣ କରିବାର ଆଇନଗତ ପ୍ରକ୍ରିୟା ଶିଶୁକୁ କ୍ରୟ ବିକ୍ରୟ କରିବା ଆଇନ ଅନୁଯାୟୀ ଦଣ୍ଡବିଧାନସଭାରେ ଲୋକଙ୍କୁ ସଚେତନ କରାଇବ।

Desk

ଭିତ୍ତିଭୂମି ବିକାଶ ବୁଝାମଣାପତ୍ର

ରାଜ୍ୟର ଭିତ୍ତିଭୂମି ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ଜନକଲ୍ୟାଣମୂଳକ ଓ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ ପ୍ରକଳ୍ପର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ମାଣ ବିଭାଗ ଏବଂ ଓଡ଼ିଶା ବ୍ରିଜ ଆଣ୍ଡ କନ୍‌ଷ୍ଟ୍ରକସନ୍ କର୍ପୋରେସନ୍ ଲିମିଟେଡ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଚଳିତ ଆର୍ଥିକ ବର୍ଷରେ ନିର୍ମାଣ ବିଭାଗ ପକ୍ଷରୁ ୨ ହଜାର କୋଟି ଟଙ୍କାର କାର୍ଯ୍ୟ ପ୍ରଦାନ କରାଯିବ। ରାଜ୍ୟର ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତିକରଣ କରାଯିବ।

ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏସ୍.ସି.ବି. ମେଡିକାଲ କଲେଜ, ଭୀମସାର୍ ଏବଂ ଏମ୍.କେ.ସି.ଜି. ମେଡିକାଲ କଲେଜରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କରାଯିବ। ଭୁବନେଶ୍ୱର ଜୟଦେବ ବିହାର–ନନ୍ଦନକାନନ ରାସ୍ତାରେ ଫ୍ଲାଏଓଭର ନିର୍ମାଣ, ବୈତରଣୀ ଓ ଖରସ୍ରୋତା ନଦୀ ଉପରେ ଉଚ୍ଚ କ୍ଷମତା ସମ୍ପନ୍ନ ସେତୁ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।